## ୟୁକୋ ବ୍ୟାଙ୍କ ଲଙ୍ଗଳେଶ୍ୱର ଶାଖା ପକ୍ଷରୁ ଚାରା ରୋପଣ

ଲଙ୍ଗଳେଶ୍ୱର,୬।୧(ସମିସ): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଶାଖା ପକ୍ଷରୁ ବ୍ୟାଙ୍କର ୮୪ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଦିବସକୁ ସ୍ମରଣୀୟ କରିବାକୁ ବ୍ୟାଙ୍କ ତରଫରୁ ପୂର୍ବାହ୍ନରେ ବିଭିନ୍ନ ସ୍ଥାନରେ ୮୪ ଟି ଚାରା ରୋପଣ କରାଯାଇଥିଲା। ଅପରାହ୍ନରେ ବ୍ୟା।ଙ୍କ ପରିସରରେ ଶାଖା ପ୍ରବନ୍ଧକ ଚନ୍ଦନ କୁମାର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଗ୍ରାହକ ସମ୍ମିଳନୀରେ ସହକାରୀ ପ୍ରବନ୍ଧକ ହ୍ରିତିକ ମାରେଣ୍ଡି, ଡିପୋଜିଟ୍ ଇନ୍‌ଚାର୍ଜ ଜୟଚନ୍ଦ୍ର ବିଶ୍ୱାଳ, କ୍ୟାସିୟର ରାଜେଶ କୁମାର ବେହେରା, ସିନିୟର କ୍ଲର୍କ ସୁଷମାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ବ୍ୟାଙ୍କ ତରଫରୁ ଥିବା ଯୋଜନାର ଫାଇଦା ନେବାକୁ ଗ୍ରାହକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ୟୁକୋ ବ୍ୟାଙ୍କର ବିଜିନେସ କରେସପେଣ୍ଡେଣ୍ଟ ତ୍ରିଲୋଚନ ଦାସ, ରାଜକିଶୋର ଦାସ, ପ୍ରଦୀପ ଗିରି, ଅବନୀ ଦତ୍ତ, ଭବାନୀ ଶଙ୍କର ସି, ଆନନ୍ଦ ବେହେରା, ଅନୀତା ମିଶ୍ର, ସ୍ୱାଗତିକା ମହାପାତ୍ର, ଦିପ୍ତିମୟୀ ଦାସ ପ୍ରମୁଖ ସହଯୋଗ କରିଥିଲେ, ଶେଷରେ ପେନସନ୍ ହୋଲଡର ସଙ୍ଘର ସମ୍ପାଦକ ନରସିଂହ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ନିଶୁଳ୍କ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର



ବାଲେଶ୍ୱର/ନୀଳଗିରି, ୬।୧(ସମିସ): ଅଯୋଧ୍ୟା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ବଣ ଧୂଳିର ଫୁଲ ଓ ନର୍ମଦା ଫାଉଣ୍ଡେସନ ସହଯୋଗରେ ନିଶୁଳ୍କ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟମଣୀ ନେତ୍ରାଳୟ ଦ୍ୱାରା ୬୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୧ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଆଜି ୧୫ ଜଣଙ୍କ ଭୋଗରାଇ ସ୍ଥିତ ସୂର୍ଯ୍ୟମଣୀ ନେତ୍ରାଳୟକୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ନିଆଯାଇଛି। ଶିବିରକୁ ବଣ ଧୂଳିର ଫୁଲର ଅଧ୍ୟକ୍ଷ ବିଜୟ ଆଚାର୍ଯ୍ୟ ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ବିଶ୍ୱାଳ ଆୟୋଜନ କରିଥିବା ବେଳେ ପ୍ରମୁଖ ସଂଯୋଜିକା କବିତା ସିଂ ସଂଯୋଜନା କରିଛନ୍ତି। ନର୍ମଦା ଫାଉଣ୍ଡେସନ ପ୍ରତିଷ୍ଠାତା ଅଧ୍ୟକ୍ଷ ଡା. ଜ୍ୟୋତି ମହାନ୍ତି ଓ ପରିଚାଳନା ଟ୍ରଷ୍ଟି ବୈଷୟିକ ସହଯୋଗ କରିଛନ୍ତି। ସୂର୍ଯ୍ୟମଣୀ ନେତ୍ରାଳୟ ଚକ୍ଷୁ ପରୀକ୍ଷକ ଓମ୍ ମହାନ୍ତ ଓ ମୋନାଲିସା ଦାସ ଚକ୍ଷୁ ପରୀକ୍ଷା କରିଥିବା ବେଳେ ସେବୀକା ଲତିକା ମହାନ୍ତ, ସୋନାଲି ନାୟକ, ଜୟନ୍ତୀ ମହାନ୍ତି ଓ ସୀମା ମୁଖି ଚିକିତ୍ସା ସେବା ଯୋଗାଇଛନ୍ତି। ନର୍ମଦା ଫାଉଣ୍ଡେସନ ସଂଯୋଜିକା ସଂଚାଳନ କରିଥିବା ବେଳେ ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ବୃନ୍ଦ ସହଯୋଗ କରିଛନ୍ତି।

## ଏସ୍‌ୟୁଏନ୍ ସରକାରୀ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ସଭା

ବାଲେଶ୍ୱର/ରେମୁଣା, ୬।୧(ସମିସ): ରେମୁଣା ବ୍ଲକ ଏସ୍.ୟୁ.ଏନ୍ ସରକାରୀ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ୨୦୦୭ ମାଟ୍ରିକ ବ୍ୟାଚ୍ ପିଲାମାନଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରାତନ ଛାତ୍ରମାନେ ପ୍ରଧାନ ଶିକ୍ଷକ ମହେଶ୍ୱର, ମିନତୀ ପ୍ରମୁଖଙ୍କୁ ସ୍ୱାଗତ ଜଣାଇଥିଲେ। ସମସ୍ତେ ଛାତ୍ରଛାତ୍ରୀ ପୁରୁଣା ଦିନକୁ ମନେ ପକାଇଥିଲେ। ଶେଷରେ ସମସ୍ତ ଛାତ୍ର ବିଦ୍ୟାଳୟ ପକ୍ଷରୁ ଦିଆଯାଇ ଥିବା ମହାନ ମନ୍ତ୍ର ଓ ଶିଷ୍ଟାଚାରକୁ ମୂଳମନ୍ତ୍ର ଭାବରେ ଗ୍ରହଣ କରି ସମାଜ ସେବାରେ ବ୍ରତୀ ହେବାକୁ ଶପଥ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସ୍ୱର୍ଗତ ରାମ ଗୋପାଳ, ସୁଶାନ୍ତ, ମନୋଜଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।



## ଭୋଗରାଇ ଉତ୍ସବ ଷଷ୍ଠ ସନ୍ଧ୍ୟା

ଭୋଗରାଇ,୬।୧(ସମିସ): ଭୋଗରାଇ ଉତ୍ସବ ଷଷ୍ଠ ସନ୍ଧ୍ୟା ଉତ୍ସବ କମିଟିର ଉପସଭାପତି ଗୋପବନ୍ଧୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଯାତ୍ରା କଳାକାର ଗୌର ଦାସ, ସମ୍ମାନୀତ ଅତିଥି ଭାବେ ଭୋଗରାଇ ଅତିରିକ୍ତ ଶିକ୍ଷାଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଡଃ ସନ୍ତୋଷ କୁମାର ପାତ୍ର, ଦେହୁର୍ଦ୍ଧା ସରପଞ୍ଚ ସରସ୍ୱତୀ କରଣ, ଦୈନିକ 'ସକାଳ'ର ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉତ୍ସବ କମିଟିର ସଦସ୍ୟ ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉତ୍ସବ କମିଟିର ସଦସ୍ୟା ତଥା ମନ୍ଦାରସାହି ସରପଞ୍ଚ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭୋଗରାଇ ଉତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ଇଂ ରବୀନ୍ଦ୍ର ମହାନ୍ତି, ପ୍ରଦୀପ ନାୟକ, ରାଜକୁମାର ଦାସ, ସନ୍ତୋଷ କୁମାର ଜେନା, ପରିମଳ କୁମାର ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।



### ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ'

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭଙ୍ଗା ଚାଲିଛି ପୁରୁଣା କୋଠା





ବାଲେଶ୍ୱର,୬।୧(ସମିସ)

ବାଲେଶ୍ୱରକୁ ପ୍ରଦୂଷଣ ମୁକ୍ତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସପ୍ତାହେ ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି। ହେଲେ କଟକଣା ଲାଗିବାର ଗୋଟିଏ ଦିନ ନହେଉଣୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ' କରି ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଠିକାଦାର ଚଲାଇଛନ୍ତି ମନମୁଖୀ କାମ। ଜିଲ୍ଲାପାଳଙ୍କ ପୁରାତନ କୋଠା ଭଙ୍ଗାରୁଜା କାମ ଚାଲିଛି। ନା ନିୟମ ପାଳନ ହେଉଛି ନା ଧୂଳି ଉପରେ ପାଣି ଢାଳି କାମ ହେଉଛି। ସମ୍ପୂର୍ଣ୍ଣ ଧୂଳି ଉଡୁଛି କାର୍ଯ୍ୟାଳୟ ପରିସର। ଏନେଇ ସୂଚନା ପାଇବା ପରେ ଉକ୍ତ ସ୍ଥାନରେ କାମ ବନ୍ଦ କରାଯାଇଛି। କାମ ବର୍ତ୍ତମାନ ବନ୍ଦ ରହିଛି ବୋଲି ଉପଜିଲ୍ଲାପାଳ ସୁଧାକର ନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସବୁଠୁ ଅଧିକ ପ୍ରଦୂଷଣ ସହର ଭାବେ ବାଲେଶ୍ୱର ଘୋଷଣା ପରେ ଏହାକୁ ରୋକିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ସହ କଟକଣା ଜାରି ହୋଇଛି। ଡିସେମ୍ବର ମାସରେ ବାଲେଶ୍ୱର ଜିଲ୍ଲାର ବାୟୁ ପ୍ରଦୂଷଣର ମାତ୍ରା ରେକର୍ଡ କରିଥିବା ବେଳେ ଚଳିତବର୍ଷ ଆରମ୍ଭ ଯଥା ବାୟୁର ମାନ (ଏକ୍ୟୁଆଇ) ୩୩୭, ୨ ତାରିଖରେ ୩୧୮, ୩ ତାରିଖରେ ୨୯୭, ୪ ତାରିଖରେ ୩୦୬ ରହିଛି। ଏନେଇ ବାଲେଶ୍ୱର ଜିଲ୍ଲାପାଳ କଟକଣା ଜାରି କରିଛନ୍ତି।

ବିଶେଷକରି ସନ୍ଧ୍ୟା ୬ ରୁ ସକାଳ ୧୦ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ସହ ସହରର ମୁଖ୍ୟ ରାସ୍ତା, ଜାତୀୟ ରାଜପଥ ଆଦି ସ୍ଥାନରେ ଲଗାତାର ପାଣି ସିଞ୍ଚନ କରିବାକୁ ନିର୍ଦ୍ଦେଶ ରହିଛି। ସହର ମଧ୍ୟରେ ଭଙ୍ଗାରୁଜା ଓ ମାଟି କାମ ସହ ସହର ମଧ୍ୟକୁ ଭାରି ଯାନ ପ୍ରବେଶ ପୁରାପୁରି ନିଷେଧ କରାଯାଇଛି। ତେବେ ବାଲେଶ୍ୱର ଓ ନୀଳଗିରି ଉପଜିଲ୍ଲାପାଳ ଏବଂ ଆରଟିଓ ଏହାର ତଦନ୍ତ କରି ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି। ଏହାରି ଭିତରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସକାଳ ୬ ଟା ଠାରୁ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା। ଠିକାଦାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମାକୁ ଫୁ' କରି ସକାଳେ ଶ୍ରମିକଙ୍କୁ କାମରେ ଲଗାଇଥିଲେ। ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତା ଅଣନିଶ୍ୱାସୀ ହୋଇପଡ଼ିଥିଲେ। ମୁହଁରେ ଗାମୁଛା ଘୋଡାଇ ହୋଇ ବହୁ କଷ୍ଟରେ ଶୀତୁଆ ସକାଳେ ଆସି ଧୂଳିରେ କାର୍ଯ୍ୟ କରୁଥିଲେ ଶ୍ରମିକ। ଏବାବଦରେ ଉପଜିଲ୍ଲାପାଳ ସୁଧାକର ନାୟକ କହିଛନ୍ତି, 'ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭଙ୍ଗାରୁଜା କାମ ହେଉଥିବା ଖବର ପାଇବା ପରେ କାମ ବନ୍ଦ କରାଯାଇଛି। ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯଦି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁପାଳନ ହେଉନାହିଁ ତେବେ ସାରା ଜିଲ୍ଲାରେ ସ୍ଥିତି କ'ଣ ତାହା ସହଜେ ଅନୁମେୟ।

- କଟକଣା ସତ୍ତ୍ୱେ ସକାଳ ୬ଟାରୁ ଚାଲିଥିଲା ଭଙ୍ଗାରୁଜା କାମ
- ଧୂଳି ଭର୍ତ୍ତି ପରିବେଶ ନେଇ ସମସ୍ତେ ଅଣନିଶ୍ୱାସୀ

### ● ପୁରୁଷୋତ୍ତମପୁର ସେବା ସମବାୟ ସମିତିର ସାଧାରଣ ସଭା

## ଖରିଫ ଧାନ କିଣା ହୋଇନଥିବାରୁ ବିଧାୟକଙ୍କ କ୍ଷୋଭ



ଚନ୍ଦନେଶ୍ୱର,୬।୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ପୁରୁଷୋତ୍ତମପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଦେବାଶିଷ ଶତପଥୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଭୋଗରାଇରେ ଏପର୍ଯ୍ୟନ୍ତ ଖରିଫ ଧାନ କିଣା ଆରମ୍ଭ ହୋଇ ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ତେବେ ବ୍ଲକରେ ସରକାର ଏକ ମଡେଲ ମଣ୍ଡି ନିର୍ମାଣ ପାଇଁ ପଦକ୍ଷେପ ନେଇଥିବାରୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟବକ୍ତା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ଯୋଗଦେଇ ସମିତିକୁ କୃଷିଭିତ୍ତିକ ଋଣ ଲଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହାଛଡ଼ା ସମିତିକୁ ସୁଦୃଢ କରିବାକୁ ହେଲେ ସମସ୍ତଙ୍କୁ ଏକଜୁଟ ହେବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର, ଭୋଗରାଇ ଶାଖାର ପରିଚାଳକ ଅନନ୍ତ କୁମାର ଦାସ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଶଙ୍ଖାରି ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା, ଉପସଭାପତି ମଞ୍ଜୁଲତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜିବ କୁମାର ସାହୁ, ପୂର୍ବତନ ସଭାପତି ବଳରାମ ପ୍ରଧାନ, ନିର୍ଦ୍ଦେଶକ ହରିହର ମଣ୍ଡଳ, ସମାଜସେବୀ ବଳାଇଲାଲ ପ୍ରଧାନ, ଗୋଲାବ ଚାନ୍ଦ ସାହୁ, ବିଜୟ ସାହୁ, ଅର୍ଜୁନ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ, ବ୍ରଜ ଗୋପାଳ ଦାସ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ଗଣପତି ସେନାପତି ବିବରଣୀ ପାଠ ଓ ଶେଷରେ ରବୀନ୍ଦ୍ରନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ



ନୀଳଗିରି,୬।୧(ସମିସ): ବାଲେଶ୍ୱର ଜିଲ୍ଲାସ୍ତରୀୟ କ୍ଷୁଦ୍ରଜଳସେଚନ ବିଭାଗ ଆନୁକୂଲ୍ୟରେ ବିଭାଜନ ସ୍ତରୀୟ ପାଣିପାଞ୍ଚାୟତ ପକ୍ଷ-୨୦୨୬ ନୀଳଗିରି କ୍ଷୁଦ୍ରଜଳସେଚନ ବିଭାଗ ପକ୍ଷରୁ ମଙ୍ଗଳବାର ଶ୍ୟାମସୁନ୍ଦରପୁର ଖୋମକୋଟ୍‌ଠାରେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଔପଦା ବ୍ଲକ ୨ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗଦେଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ ସୁଶୀଲ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱାଳ ତାଙ୍କ ଅଭିଭାଷଣରେ ପାଣିର ସୁବିନିଯୋଗ, ପାଣିସଂରକ୍ଷଣ, ସଚେତନ, ସହଭାଗିତାରେ ଚାଷ, କମ୍ ପାଣିରେ ଅଧିକ ଜମିରେ ଚାଷ, ଜଳ ସୁପରିଚାଳନା ପାଇଁ ନିବେଦନ କରିଥିଲେ। ପରେ ଉପସ୍ଥିତ ଚାଷୀଙ୍କୁ ନେଇ ଏକ ଶପଥପାଠ କରାଯାଇଥିଲା। କ୍ଷୁଦ୍ରଜଳସେଚନ ବିଭାଗର ବାରିପଦା ଡିଭିଜନ ଅତିରିକ୍ତ ଅଧିକ୍ଷଣଯନ୍ତ୍ରୀ ବିଷ୍ଣୁପଦ ପଟ୍ଟାୟତ ମଞ୍ଚାସୀନ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ନୀଳଗିରି କ୍ଷୁଦ୍ରଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ନିମାଇଁ ଚରଣ ନାଏକ, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ଦାସ, ବାଲେଶ୍ୱର ସାଂସ ଙ୍କ ପ୍ରତିନିଧି ଅନନ୍ତ ଗିରି, ନୀଳଗିରି ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ବାରିକ, ସ୍ଥାନୀୟ ସମିତିସଭ୍ୟ ଭୋଳାନାଥ ମାଝୀ, ଔପଦା ବିଇଓ ଅଶୋକ କୁମାର ମିଶ୍ର , ନିମାଇଁ ମହାନ୍ତି,ଜୟପ୍ରକାଶ ପାଣିପାଞ୍ଚାୟତ ଧୋବାଘାଟର ଦକ୍ଷିଣ ପାଖର ସଭାପତି ଗଙ୍ଗାଧର ମିଶ୍ର, ଖୁମକୁଟ ପାଣିପଞ୍ଚାୟତର ସଭାପତି ଶ୍ରୀନିବାସ ବାରିକ ମଞ୍ଚାସିନରହି ନିଜନିଜର ଅଭିଭାଷଣ ପ୍ରଦାନ କରିଥିଲେ। ପାଣି ପଞ୍ଚାୟତର ସମସ୍ତ ଚାଷୀ, ଏବଂ ନୀଳଗିରି ବଣସୀମା ଅଞ୍ଚଳର ସମସ୍ତ ପାଣିପଞ୍ଚାୟତର କର୍ମକର୍ତ୍ତା, ଚାଷୀଭାଇ ଉପସ୍ଥିତରହି ଚାଷକାର୍ଯ୍ୟରେ ପାଣିର ସଦୁପଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ।
















### ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ଜଳେଶ୍ୱର ଗସ୍ତ

# ୪ ପ୍ରକଳ୍ପ ବୁଲି ଅନୁଧ୍ୟାନ କଲେ

ଜଳେଶ୍ୱର,୬।୧(ସମିସ)



ରାଜ୍ୟପାଳଙ୍କ ଦ୍ୱାରା ଗଠିତ ରାଜ୍ୟ ଷଷ୍ଠ ଅର୍ଥ କମିଶନ ସଦସ୍ୟ ଆଜି ଜଳେଶ୍ୱର ମ୍ୟୁନିସିପାଲିଟିର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ୫ ଜଣିଆ କମିଟିର ଚେୟାରମ୍ୟାନ ଡ. ଅରୁଣ ପଣ୍ଡାଙ୍କ ସହିତ ସଦସ୍ୟ ଅସିତ ରଂଜନ ମହାନ୍ତି, ଅମରେଶ ସାମନ୍ତରାୟ, ଡ. ବିଦୁ ପ୍ରସାଦ ନାୟକ, ପ୍ରଦୀପ୍ତ କୁମାର ବିଶ୍ୱାଳ ପ୍ରମୁଖ ଜଳେଶ୍ୱରରେ ପହଞ୍ଚି ନବନିର୍ମିତ ପୌରକାର୍ଯ୍ୟାଳୟ କୋଠା, ୨ନଂ. ୱାର୍ଡରେ ନିର୍ମିତ ବିଜୁ ମାର୍କେଟ କମ୍ପ୍ଲେକ୍ସ, ୧୦ନଂ. ୱାର୍ଡରେ ଥିବା ସ୍ମାର୍ଟ ଶ୍ମଶାନ ଗୃହ ଓ ଏମ୍‌ସିସି/ଏମ୍‌ଆର୍‌ଏଫ୍‌କୁ ଯାଇ ବୁଲି ଦେଖିଥିଲେ। ଏହି ପରିଦର୍ଶନ ବେଳେ ପିଡି ଡିଆରଡିଏ ସଂଜୟ ରାଉତ, ଏପିଡି ମଧୁସ୍ମିତା ସାମନ୍ତରାୟ, ପୌରପାଳ ପ୍ରତାପ ପ୍ରଧାନ, ନିର୍ବାହୀ ଅଧିକାରୀ ହେମନ୍ତ କୁମାର ଙ୍ ପ୍ରମୁଖ ଉପସ୍ଥିତ ଥିଲେ। ଜଳେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ଆର୍‌ଓବି ତଳେ ଥିବା ଖାଲି ସ୍ଥାନକୁ ମ୍ୟୁନିସିପାଲଟିକୁ ହସ୍ତାନ୍ତର କରାଗଲେ ସେଠାରେ ଖୋଲା ହାଟ ବସାଯିବା ସହିତ କିଛି ବେକାର ଯୁବକଙ୍କୁ ରୋଜଗାର ମିଳିବା ସହିତ ୩ନଂ ୱାର୍ଡ ସେକବାର୍ଡ଼ରୁ ଶିଖରପୁର ନଦୀକୂଳରେ ହେଉଥିବା ବଣଭୋଜି ସ୍ଥାନକୁ ସୁବର୍ଣ୍ଣରେଖା ନଦୀଉପରେ ଏକ ରୋପୱେ ନିର୍ମାଣ କରାଗଲେ ପର୍ଯ୍ୟଟନର ବିକାଶ ହୋଇପାରିବା ସଂପର୍କରେ ପୌରପାଳ କମିଶନରଙ୍କ ଦ୍ୱାରା ଆହୂତ ଜିଲ୍ଲା ବୈଠକରେ ପ୍ରସ୍ତାବ ରଖିଛନ୍ତି।

## ଅଗ୍ନିକାଣ୍ଡରେ ମହିଳାଙ୍କ ଘର ଜଳିଗଲା

ସୋର,୬।୧(ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ ହାଜିପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅସହାୟ ମହିଳାଙ୍କ ଘର ସହ ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ପ୍ରକାଶ ଯେ, ଗ୍ରାମର ସୁବର୍ଣ୍ଣା ହାଁସଦା ଏକ ଚାଳଘର କରି ରହୁଥିଲେ। ଆଜି ସେ ଘରେ ନଥିବା ବେଳେ ହଠାତ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଘରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ସୁବର୍ଣ୍ଣା ଜଣେ ଅସହାୟ ଆଦିବାସୀ ମହିଳା ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

